**BJMC -1**
**Block -3**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**Odisha State Open University**
**Sambalpur**

# ସ୍ନାତକ କଳା (ସମ୍ମାନ) କାର୍ଯ୍ୟକ୍ରମ
# ସାମ୍ବାଦିକତା ଓ ଗଣଯୋଗାଯୋଗ

# ସାମ୍ବାଦିକତାର ପରିଚୟ

## ଖବରର ଗଠନ ଶୈଳୀ ଓ ପ୍ରସ୍ତୁତି ବିଷୟରେ ଧାରଣା

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ କଳା (ସମ୍ମାନ) କାର୍ଯ୍ୟକ୍ରମ

## ସାମ୍ବାଦିକତା ଓ ଗଣ ଯୋଗାଯୋଗ (BJMC)

ପାଠ୍ୟକ୍ରମ - ୧
ସାମ୍ବାଦିକତାର ପରିଚୟ

ବ୍ଲକ୍

## ୩ ଖବରର ଗଠନ ଶୈଳୀ ଓ ପ୍ରସ୍ତୁତି ବିଷୟରେ ଧାରଣା

ପ୍ରଥମ ଏକକ : ଫାଇଭ୍ ଡବ୍ଲ୍ୟୁ ଓ ୱାନ୍ ଏଚ୍ ବ୍ୟବହାର କରି ଖବର ପ୍ରସ୍ତୁତି ; ଓଲଟା ପିରାମିଡ୍ ଶୈଳୀରେ ଖବର ଲେଖନ

ଦ୍ୱିତୀୟ ଏକକ : ଖବର ପର୍ଯ୍ୟାୟଭୁକ୍ତ ହେବା ନିମନ୍ତେ ମାନଦଣ୍ଡ ; ଖବର ଚୟନର ମୌଳିକ ସିଦ୍ଧାନ୍ତ

ତୃତୀୟ ଏକକ : ଅଭିଲେଖାଗାର ଉପଯୋଗ, ଖବରର ସୂତ୍ର, ଇଣ୍ଟରନେଟ୍ ବ୍ୟବହାର

ଚତୁର୍ଥ ଏକକ : ମୁଦ୍ରିତ, ଇଲେକଟ୍ରୋନିକ୍ସ ଓ ଅନ୍‌ଲାଇନ ସାମ୍ବାଦିକତାରେ ଥିବା ମୌଳିକ ପ୍ରଭେଦ

ବି.ଏ. (ସମ୍ମାନ) ଶ୍ରେଣୀ ନିମନ୍ତେ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁସରଣରେ ଏହା ପ୍ରସ୍ତୁତ କରାଯାଇଛି।
ଚଏସ୍ ବେସ୍‌ଡ କ୍ରେଡିଟ୍ ସିଷ୍ଟମ (ସିବିସିଏସ୍) ଅଧିନରେ ସାମ୍ବାଦିକତା।

## ପାଠ୍ୟକ୍ରମ : ୧

## ବ୍ଲକ୍ : ୩

## ପ୍ରଥମ ସଂସ୍କରଣ : ୨୦୨୦

**ଲେଖକ : ଡକ୍ଟର ଜ୍ୟୋତିପ୍ରକାଶ ମହାପାତ୍ର**
ସହକାରୀ ପ୍ରଧ୍ୟାପକ, ଆଇ.ଆଇ.ଏମ୍.ସି., ଢେଙ୍କାନାଳ।

**ସାମନ୍ତ ବିଶ୍ୱଭୂଷଣ ଧିର**
ଶୈକ୍ଷିକ ପରାମର୍ଶଦାତା, ସାମ୍ବାଦିକତା ଓ ଗଣଯୋଗାଯୋଗ କାର୍ଯ୍ୟକ୍ରମ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର।

**ସୁଜିତ୍ କୁମାର ମହାନ୍ତି**
ସହକାରୀ ପ୍ରଧ୍ୟାପକ
କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କୋରାପୁଟ।

**ସମୀକ୍ଷକ : ପ୍ରଫେସର ମୃଣାଳ ଚାଟାର୍ଜୀ**
ଆଞ୍ଚଳିକ ନିର୍ଦ୍ଦେଶକ, ଆଇ.ଆଇ.ଏମ୍.ସି., ଢେଙ୍କାନାଳ

**ଡକ୍ଟର ଆଶିଶ୍ କୁମାର ଦ୍ୱିବେଦୀ,**
ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା, ସାମ୍ବାଦିକତା ଓ ଗଣଯୋଗାଯୋଗ କାର୍ଯ୍ୟକ୍ରମ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର।

**ଓଡ଼ିଆ ଅନୁବାଦକ : ରାମଚଣ୍ଡୀ ପ୍ରସାଦ ରଣସିଂହ**
ବାର୍ତ୍ତା ସମ୍ପାଦକ, ଓଡ଼ିଆ ସ୍ୱଟ୍ ନ୍ୟୁଜ୍, ଭୁବନେଶ୍ୱର।

**ଓଡ଼ିଆ ସମୀକ୍ଷକ : ସୌଭାଗ୍ୟ ସୁନ୍ଦରାୟ**
ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର।

**ଅଳଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର।

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

© OSOU, 2020. "ଖବରର ଗଠନ ଶୈଳୀ ଓ ପ୍ରସ୍ତୁତି ବିଷୟରେ ଧାରଣା" is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ଫାଇଭ୍ ଡବ୍ଲ୍ୟୁ ଓ ୱାନ୍ ଏଚ୍ ବ୍ୟବହାର କରି ଖବର ପ୍ରସ୍ତୁତି ; ଓଲଟା ପିରାମିଡ୍ ଶୈଳୀରେ ଖବର ଲେଖନ

**ବିଷୟ ଗଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଉପକ୍ରମ
୧.୩ ଖବର ପାଇଁ ବିଷୟବସ୍ତୁ ପ୍ରସ୍ତୁତି
୧.୪ ଫାଇଭ୍ ଡବ୍ଲ୍ୟୁ ଓ ୱାନ୍ ଏଚ୍ (୬ କ)
୧.୫ ଓଲଟା ପିରାମିଡ ଶୈଳୀ
୧.୫.୧ ଫିଚର ଶୈଳୀ
୧.୫.୨ ସ୍ୟାଣ୍ଡ ଆଣ୍ଡ କ୍ଲକ୍ ଷ୍ଟାଇଲ୍
୧.୫.୩ ନଟ୍ ଗ୍ରାଫ୍
୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

## ୧.୧ ପଠନର ଉଦ୍ଦେଶ୍ୟ

ଖବର କିଭଳି ଲେଖିବା ସେ ସମ୍ପର୍କରେ ସଂପର୍କରେ ଅବଗତ ହେବା ଏହି ଅଧ୍ୟାୟର ଉଦ୍ଦେଶ୍ୟ । ଏହି ଅଧ୍ୟାୟ ସମାପ୍ତ ପରେ ବିଦ୍ୟାର୍ଥୀ ନିମ୍ନବିଷୟ ସମ୍ପର୍କରେ ରେ ଅବଗତ ହୋଇପାରିବେ :

- ଖବର ଲେଖି ପାରିବ
- ଖବର ଲେଖିବା ପାଇଁ ଆବଶ୍ୟକୀୟ ମୌଳିକ ଉପାଦାନଗୁଡିକୁ ବୁଝିପାରିବେ

## ୧.୨ ଉପକ୍ରମ

ଜଣେ ସାମ୍ବାଦିକ କାହିଁକି ଗୋଟିଏ ଘଟଣାକୁ ଖବର ଭାବେ ପରିବେଷଣ କରିବାକୁ ଚିନ୍ତା କରନ୍ତି ? ପ୍ରତିଦିନ ସାମ୍ବାଦିକ ଜଣଙ୍କ କିଛି କିଛି ନୂଆ ଘଟଣାର ସମ୍ମୁଖିନ ହୁଅନ୍ତି । ସେମାନଙ୍କୁ ସ୍ଥିର କରିବାକୁ ହୁଏ କେଉଁ ଘଟଣାଟି ବଡ ଓ କେଉଁ ଘଟଣାଟି ଛୋଟ । କେଉଁ ଘଟଣା ବିଷୟରେ ଜାଣିବାକୁ ପାଠକ/ଦର୍ଶକମାନେ ଅଧିକ ଆଗ୍ରହ ପ୍ରକାଶ କରିବେ ? କେଉଁ ଘଟଣାଟିକୁ ଖବର ଭାବରେ ପ୍ରକାଶ କରାଯିବ ଓ କେଉଁଠି ? ଏହି ସମସ୍ତ ବିଷୟ ବ୍ୟତୀତ ଜଣେ ରିର୍ପୋଟର ଓ ସମ୍ପୂର୍ଣ୍ଣ ଖବର ପରିବେଷଣ ସଂସ୍ଥା (ନ୍ୟୁଜ୍ ରୁମ୍) ରେ ଆହୁରି ଅନେକ ସମ୍ପର୍କିତ ଓ ସମ୍ଭାବିତ ପ୍ରଶ୍ନଗୁଡିକର ଆଲୋଚନା କରାଯାଇ ଖବର ପ୍ରସ୍ତୁତ କରାଯାଏ ।

## ୧.୩ ଖବର ପାଇଁ ବିଷୟବସ୍ତୁ ପ୍ରସ୍ତୁତି

ଖବର ନୂଆ ହେଉ ବା ପୁରୁଣା, ଏକ ନୂଆ କାମ ସହିତ ସାମ୍ବାଦିକ ନିଜର ଦିନ ଆରମ୍ଭ କରନ୍ତି ଓ ତାଙ୍କ ପାଖରେ କ'ଣ ସୂଚନା ରହିଛି ତାହା ଦେଖନ୍ତି। ଆଜି ଦିନର ତାଜା ସୂଚନା କ'ଣ ? ଏହା ଜାଣିବାକୁ ପ୍ରତ୍ୟେକ ସାମ୍ବାଦିକ ଆଗ୍ରହ ପ୍ରକାଶ କରିଥାନ୍ତି। ଅନ୍ୟପକ୍ଷରେ ସମ୍ପାଦକଙ୍କ ସହିତ ସାକ୍ଷାତ ଓ ପୁରୁଣା ଖବର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରନ୍ତି ଓ ତାଜା ଖବର ପ୍ରସ୍ତୁତି ସମ୍ପର୍କରେ ନିଷ୍ପତି ମଧ୍ୟ ନିଅନ୍ତି। ଆସନ୍ତା କାଲି ପାଇଁ ଖବର ହେଲା ଭଳି କୌଣସି ଏକ ଘଟଣାର ଚୟନ କରିବା ହିଁ ସବୁଠାରୁ ଜଟିଳ/କଷ୍ଟକର କାମ। ଏହି ଅଧ୍ୟାୟ ଆପଣଙ୍କୁ ଏକ ଘଟଣାରୁ ଖବର ପାଇଁ ବିଷୟବସ୍ତୁ ପ୍ରସ୍ତୁତି କରାଇବାରେ ସାହାଯ୍ୟ କରିବ।

ସାମ୍ବାଦିକ ସବୁବେଳେ ଏହି ଚେଷ୍ଟାରେ ରହିଥାନ୍ତି ଯେ, ସେ କ'ଣ ଲେଖିବେ ଓ କିଭଳି ଲେଖିବେ। ଖବର ଓ ଏହାର ରିପୋର୍ଟିଂ ନିଶ୍ଚିତ ଭାବେ ସଠିକ୍ ହେବା ସହିତ ଖବରକାଗଜର ଉଦ୍ଦେଶ୍ୟ ମଧ୍ୟ ସାଧନ କରୁଥିବା ଆବଶ୍ୟକ।

## ୧.୪ ଫାଇଭ୍ (୫) ଡବ୍ଲ୍ୟୁ ଓ ୱାନ୍ (୧) ଏଚ୍ (୬ କ)

ଯଦି, ଜଣେ ସାମ୍ବାଦିକ କୌଣସି ଘଟଣା ପଛର ପ୍ରକୃତ କାରଣ ଜାଣିବାକୁ ଚାହୁଁଥାନ୍ତି ତେବେ ତାଙ୍କୁ ୬ଟି ବିଷୟରେ ଜାଣିବାକୁ ପଡିବ :



କିଏ ? କ'ଣ ? କେଉଁଠି ? କେତେବେଳେ ?କାହିଁକି ? କିଭଳି ?

ଯେକୌଣସି ଭଲ ଖବର ପଚରାଯାଇଥିବା ପ୍ରତ୍ୟେକ ପ୍ରଶ୍ନର ଉତର ଦେଇପାରୁଥିବା ଆବଶ୍ୟକ। ଏହି କଥାକୁ ନିଶ୍ଚିତ ଭାବରେ ମନେ ରଖିବାକୁ ପଡିବ ଓ ନିଜର ଦ୍ୱିତୀୟ ସ୍ୱଭାବ ଭାବରେ ଏହାକୁ ଗ୍ରହଣ କରିବାକୁ ପଡିବ।

ଏହି ଧାରଣା ଜଣେ ସାମ୍ବାଦିକଙ୍କୁ ଭଲ ଖବର ଲେଖିବାରେ ସାହାଯ୍ୟ କରେ। ନିଜର ପ୍ରସ୍ତୁତ ଖବରକୁ ସମ୍ପୂର୍ଣ୍ଣ କରିବା ପାଇଁ ହେଲେ ସାମ୍ବାଦିକଙ୍କୁ ସବୁବେଳେ ଏହି ଫାଇଭ ଡବ୍ଲ୍ୟୁ ଓ ୱାନ ଏଚ୍ କୁ ଖୋଜିବା ଉଚିତ୍। ଏହି ଧାରଣା ମଧ୍ୟ ଅନ୍ୟ ସମସ୍ତ ପ୍ରକାର ପେଷାଦାର ଲେଖକ/ଲେଖିକାଙ୍କ ପାଇଁ ଉପଯୋଗୀ।

ଉଦାହରଣ ସ୍ୱରୂପ, ଯଦି ଆପଣ କୌଣସି ଗୋଟିଏ ବଡ ରେଳ ଦୁର୍ଘଟଣା ସମ୍ପର୍କରେ ଖବର ଲେଖିବାକୁ ଚାହିଁଛନ୍ତି ତେବେ ଜଣେ ସାମ୍ବାଦିକ ଭାବରେ ଆପଣ ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତରଦେବା ଆବଶ୍ୟକ:

କିଏ ବା କାହାକୁ - ଏହା ଘଟଣା ସହ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ (ମାନଙ୍କ) ପାଇଁ ଉଦ୍ଦିଷ୍ଟ

କ'ଣ - କ'ଣ ହେଉଛି ବା ହୋଇସାରିଛି

କେଉଁଠାରେ - ସ୍ଥାନ , ଯେଉଁଠାରେ ଏହି ଘଟଣା ହେଉଛି ବା ହୋଇସାରିଛି

କେତେବେଳେ - ଏହା ଘଟୁଛି ବା କେଉଁ ସମୟରେ ଏହା ଘଟି ସାରିଛି।

କାହିଁକି - ଏହା ଘଟିଥିବା ଘଟଣାର ପ୍ରସଙ୍ଗ ବା କାରଣ ସହିତ ସମ୍ପର୍କିତ ?

କିଭଳି - ଏହା ପଛରେ ଥିବା କାରଣ

ଏହି ଫାଇଭ ଡବ୍ଲ୍ୟୁ ଓ ୱାନ ଏଚ୍ ପଦ୍ଧତିକୁ ସବୁବେଳେ ଖବର ଲେଖିବାର ସୂତ୍ର (ଫର୍ମୁଲା) ଭାବରେ ବିଚାର କରାଯାଏ। ଯେକୌଣସି ଖବର ଲେଖିଲାବେଳେ, ସାମ୍ବାଦିକଙ୍କୁ ସମସ୍ତ ମୌଳିକ ସୂଚନା ସଂଗ୍ରହ କରିବା ପାଇଁ ସତର୍କ ରହିବା ଆବଶ୍ୟକ। ପାଠକ ସମସ୍ତ ପ୍ରକାର ଦିଗରୁ ଖବର ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି। ତେଣୁ ଏଠାରେ ଫାଇଭ ଡବ୍ଲ୍ୟୁ ଓ ୱାନ ଏଚ୍ ସମସ୍ତ ପ୍ରକାର ଗୋଟିଏ ଘଟଣା ସମ୍ପର୍କରେ ସମସ୍ତ ସୂଚନା ଏକତ୍ର କରିଥାଏ ଯାହା ଗୋଟିଏ ଖବର ପ୍ରସ୍ତୁତିରେ ଆବଶ୍ୟକ ହୋଇଥାଏ। ସାମ୍ବାଦିକ କୌଣସି ଗୋଟିଏ ଡବ୍ଲ୍ୟୁ ବା ଏଚ୍ ରୁ ଖବରର ଶୀର୍ଷକ ଦେବା ସହିତ ଖବର ପ୍ରସ୍ତୁତ କରନ୍ତି।

## ୧.୫ ଓଲଟା ପିରାମିଡ୍ ଶୈଳୀ

ଅଧିକାଂଶ ଖବର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନାରୁ ଆରମ୍ଭ ହୁଏ ଓ ଏହା ପରେ ସୂଚନାର ଗୁରୁତ୍ୱ ଅନୁସାରେ ହିଁ ଅନ୍ୟ ବିଷୟଗୁଡିକୁ ସଜାଇ ଲେଖାଯାଏ ଏବଂ ସମ୍ପୂର୍ଣ୍ଣ ଖବର ପ୍ରସ୍ତୁତ କରାଯାଏ। ଅର୍ଥାତ ଖବରର ପ୍ରଥମ ପାରାଗ୍ରାଫ୍‌ରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡିକ ସ୍ଥାନ ପାଏ, ଦ୍ୱିତୀୟ ପାରାଗ୍ରାଫ୍‌ରେ ଗୁରୁତ୍ୱ ଅନୁସାରେ ଦ୍ୱିତୀୟ ସ୍ଥାନରେ ଥିବା ସୂଚନା ସ୍ଥାନ ପାଏ ସେହିଭଳି ଗୁରୁତ୍ୱ ଅନୁସାରେ ତୃତୀୟ ସ୍ଥାନରେ ଥିବା ସୂଚନା ତୃତୀୟ ପାରାଗ୍ରାଫ୍‌ରେ ସ୍ଥାନ ପାଏ ଏବଂ ଏହିକ୍ରମରେ ହିଁ ସମ୍ପୂର୍ଣ୍ଣ ଖବରଗୁଡିକୁ ସଜାଇ ଲେଖାଯାଏ। ସୂଚନାର ଗୁରୁତ୍ୱ

ଅନୁସାରେ କ୍ରମାନ୍ୱୟରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ସଜାଇ ଲେଖାଯାଉଥିବା ଖବରକୁ 'ଓଲଟା ବା ଇନ୍‌ଭର୍ଟେଡ ପିରାମିଡ' ଶୈଳୀ କୁହାଯାଏ। ଖବର ଲେଖିବାର ଏହି ଶୈଳୀ ସର୍ବାଧିକ ବ୍ୟବହାର ହେବା ସହିତ ସବୁଠାରୁ ଅଧିକ ଗ୍ରହଣୀୟ ଅଟେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନା (ଫାଇଭ୍ ଡବ୍ଲ୍ୟୁ ଓ ୱାନ୍ ଏଚ୍)

ଗୁରୁତ୍ୱପୂର୍ଣ୍ଣ ସୂଚନା

କମ୍ ଗୁରୁତ୍ୱପୂର୍ଣ୍ଣ ସୂଚନା

ସବୁଠାରୁ କମ୍ ଗୁରୁତ୍ୱପୂର୍ଣ୍ଣ ସୂଚନା



ଯଦି ଗୋଟିଏ ପିରାମିଡ୍‌କୁ ଓଲଟାଇ ଦିଆଯାଏ ତେବେ ସବୁଠାରୁ ଅଧିକ ଅଂଶ ଅଧିକାର କରିଥିବା ଭାଗଟି ଉପରକୁ ଓ ଏହାର ଶୀର୍ଷ ଭାଗ ବା ସବୁଠାରୁ କମ୍ ଅଂଶ ଅଧିକାର କରିଥିବା ଭାଗଟି ତଳକୁ ରହିବ। ଉପରେ ଥିବା ବଡ ଭାଗଟି ପାଠକଙ୍କୁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ, ଆଗ୍ରହ ସୃଷ୍ଟିକାରୀ ଓ ଜରୁରୀ ସୂଚନା ପ୍ରଦାନ କରିବା ସହ ଏକଥା ମଧ୍ୟ ପ୍ରତିପାଦିତ କରେ ଯେ, ଏହି ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡିକ ଖବରର ଶୀର୍ଷରେ ରହିବା ଆବଶ୍ୟକ। ସେହିଭଳି ତଳକୁ ରହିଥିବା ଭାଗ ଗୁଡିକ ଏକଥା ପ୍ରମାଣିତ କରିଥାନ୍ତି ଯେ, ଗୁରୁତ୍ୱ ଅନୁସାରେ ହିଁ କ୍ରମାନ୍ୱୟନରେ ଅନ୍ୟ ସମସ୍ତ ସୂଚନାଗୁଡିକ ଖବରରେ ସ୍ଥାନ ପାଇବା ଉଚିତ। ଯାହାର ଗୁରୁତ୍ୱ ଯେତେ କମ୍ ସେହି ସୂଚନା ସେତିକି ତଳେ ଲେଖାଯିବା ଆବଶ୍ୟକ।

ଏହିକ୍ରମରେ ଖବରର ସାରାଂଶକୁ ଶୀର୍ଷରେ ହିଁ ଲେଖାଯାଏ ଏବଂ ବିଭିନ୍ନ ତଥ୍ୟଗୁଡିକୁ ଅଧିକରୁ କମ୍ ଗୁରୁତ୍ୱ ଅନୁସାରେ ଯଥାକ୍ରମେ ଉପରୁ ତଳକୁ ସଜାଇ ଲେଖାଯାଏ। ଏହି ଖବରରେ ପ୍ରତ୍ୟେକ ପରାଗ୍ରାଫରେ କିଛି କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଥାଏ କିନ୍ତୁ ପ୍ରତ୍ୟେକ ପାରାରେ ଥିବା ସୂଚନା ଏହାର ଉପରେ ଥିବା ପାରା ଠାରୁ କମ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କିଏ, କ'ଣ, କେତେବେଳେ, କେଉଁଠି, କାହିଁକି ଓ କିଭଳି ଇତ୍ୟାଦି ପ୍ରଶ୍ନଗୁଡିକର ଉତର ପ୍ରଥମ ପାରାରେ ହିଁ ମିଳିଯାଏ।

ଏହି ଶୈଳୀରେ ମୂଳତଃ ଗୋଟିଏ ଖବର ପ୍ରସ୍ତୁତିରେ ସଂଗୃହୀତ ସୂଚନାଗୁଡିକର ଗୁରୁତ୍ୱ ଅନୁସାରେ ଅଧିକରୁ କମ୍ ଏହି କ୍ରମ ଅନୁସାରେ ସଜାଇ ଲେଖାଯାଏ। ଏହି 'ଓଲଟା ପିରାମିଡ ବା ଇନ୍‌ଭର୍ଟେଡ ପିରାମିଡ' ଶୈଳୀର ଅନେକ ଲାଭ ରହିଛି। ଜଣେ ପାଠକ ଖବରଟିକୁ ଯେକୌଣସି ସମୟରେ ପଢ଼ିବା ଛାଡିଦେଲେ ମଧ୍ୟ ସେ ଏହି ଖବର ବୁଝିବାରିବେ ଏବଂ ଏହି ଶୈଳୀରେ ପ୍ରସ୍ତୁତ ଖବରର ସାରାଂଶ ଜାଣିପାରିବେ। ଯେହେତୁ କମ୍ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡିକ ତଳକୁ ତଳ ଲେଖାଯାଇଥାଏ ତେଣୁ ଜଣେ ସମ୍ପାଦକଙ୍କ ପାଇଁ ଖବରର ତଳଆଡୁ କାଟି ଦେବା ସହଜ ହୁଏ ଫଳରେ ଖବର କାଗଜ ଡିଜାଇନ୍ ବେଳେ ହେଉଥିବା ସ୍ଥାନ ଅଭାବ ସମସ୍ୟା ସହଜରେ ସମାଧାନ ହୋଇଯାଏ। ସୂଚନାଗୁଡିକୁ ଶୀଘ୍ର ଓ ପ୍ରଭାବଶାଳୀ ଢ଼ଙ୍ଗରେ ପ୍ରସ୍ତୁତ କରିବା ପାଇଁ ଏହା ଏକ ଭଲ ଫର୍ମାଟ ବା ଶୈଳୀ ପ୍ରଦାନ କରେ। ଏହା ନିଜ ଫର୍ମାଟରେ ବିଭିନ୍ନ ଖବର ଗୁଡିକୁ କୌଣସି ସମବେଦନା ଦ୍ୱାରା ପରିଚାଳିତ ନହୋଇ ନିରପେକ୍ଷ ଭାବରେ ଉପସ୍ଥାପନ ପାଇଁ ଅତିକମ୍‌ରେ ଅନୁମତି ମଳିଥାଏ ତେଣୁ ଏହା ସବୁଠାରୁ ଆଦୃତି ଖବର ଲେଖିବା ଶୈଳୀ ଭାବେ ବିବେଚିତ ହୁଏ।

ଏହି ଶୈଳୀରେ ମଧ୍ୟ କିଛି ସମସ୍ୟା ରହିଛି। ଏହାର ସବୁଠାରୁ ବଡ଼ ସମସ୍ୟା ହେଉଛି ଖବରର ଶୀର୍ଷ ପାରା ହିଁ ସମସ୍ତ ସୂଚନା ପ୍ରଦାନ କରିଦିଏ ଫଳରେ ପଢ଼ିବାର ଆଗ୍ରହ କମିଯାଏ। ବେଳେବେଳେ ଖବର ଲେଖିଲା ବେଳେ ସଂଗୃହୀତ ସୂଚନା ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ବାଛିବାରେ ହିଁ ଦ୍ୱନ୍ଦ ସୃଷ୍ଟି ହୁଏ। ଯଦିଓ ଏହି ନିୟମ କରିବା ଅତି ସହଜଯେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡିକ ପ୍ରଥମ ବା ଶୀର୍ଷରେ ସ୍ଥାନ ପାଇବ ତେବେ ପ୍ରକୃତ ପକ୍ଷେ ଦେଖିଲେ ଅନେକ ସୂଚନା ଭିତରୁ ଏହା ସ୍ଥିର କରିବା କଷ୍ଟ ଯେ କେଉଁଟି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସୂଚନା। ନିଶ୍ଚିତ ଭାବରେ ଏହି ସମୟରେ ହିଁ ଖବର ପ୍ରତି ବିଚାର ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

## ୧.୫.୧ ଫିଚର ଷ୍ଟାଇଲ୍ (ଶୈଳୀ)

ଖବରକାଗଜ ବା ପତ୍ରିକାଗୁଡିକରେ ଖବର ସହିତ ଅନ୍ୟାନ୍ୟ ଦୀର୍ଘ ଲେଖାମାନ ମଧ୍ୟ ପ୍ରକାଶିତ ହୋଇଥାଏ। ଏହି ଦୀର୍ଘ ଲେଖାଗୁଡିକୁ ଫିଚର କହନ୍ତି। ଏହି ଲେଖାଗୁଡିକ ବିଭିନ୍ନ ବ୍ୟକ୍ତି, ସ୍ଥାନ ବା କୌଣସି ପରିସ୍ଥିତି ସମ୍ପର୍କରେ ଏବଂ ଲୋକମାନଙ୍କର ଭାବନାକୁ ପ୍ରଭାବିତ କରିଲା ଭଳି ଶୈଳୀରେ ପ୍ରସ୍ତୁତ କରାଯାଏ। ଫିଚର ଗୁଡିକ ମୁଖ୍ୟତଃ ୨ ଭାଗରେ ବିଭକ୍ତ। ନ୍ୟୁଜ୍ ଫିଚର (ଖବର ସମ୍ପର୍କିତ ଫିଚର) ଓ ଟାଇମଲେସ୍ ଫିଚର (ସର୍ବକାଳୀନ ଫିଚର)। ନ୍ୟୁଜ୍ ଫିଚର (ଖବର ସମ୍ପର୍କିତ ଫିଚର) ହେଉଛି ନିକଟରେ ପ୍ରକାଶିତ କୌଣସି ଖବର ଅଧାରରେ ପ୍ରସ୍ତୁତ କରାଯାଇଥିବା ପ୍ରସଙ୍ଗ। ଟାଇମଲେସ୍ ଫିଚର (ସର୍ବକାଳୀନ ଫିଚର) ହେଉଛି ବ୍ୟକ୍ତିମାନଙ୍କ ସ୍ୱାଭାବିକ ଧ୍ୟାନ ଆକର୍ଷଣ କରୁଥିବା ପ୍ରସଙ୍ଗ ଯାହାର କୌଣସି ସମୟ ସୀମା ନାହିଁ। ଖବରକାଗଜରେ ପ୍ରକାଶିତ ଫିଚରଗୁଡିକ ସାଧାରଣତଃ ୬୦୦-୭୦୦ ଶବ୍ଦ ସମ୍ବଳିତ କ୍ଷୁଦ୍ର ଫିଚର ହୋଇଥାଏ ଓ ଏଥିରେ କମ୍ ବର୍ଣ୍ଣନା କରାଯାଏ କିନ୍ତୁ ପତ୍ରିକାଗୁଡିକରେ ପ୍ରକାଶିତ ଫିଚରରେ ଅଧିକ ବର୍ଣ୍ଣନା କରାଯାଏ, ଏହା ଅଧିକ ଶବ୍ଦ ସମ୍ବଳିତ ହୋଇଥାଏ ଏବଂ ଆରାମରେ ବସି ପଢ଼ିବା ଉଦ୍ଦେଶ୍ୟରେ ଏହିଭଳି ଲେଖା ପ୍ରସ୍ତୁତ କରାଯାଇଥାଏ। ଗୋଟିଏ ଫିଚର ସୂଚନା ଦେବା ସହିତ ପାଠକଙ୍କର ମନୋରଂଜନ କରିବାକୁ ମଧ୍ୟ ଚେଷ୍ଟା କରିଥାଏ। ଏହାର ଅର୍ଥ ନୁହେଁ ଯେ, ଫିଚର କେବଳ ମନୋରଂଜନ କରିବାକୁ ଉଦ୍ଦିଷ୍ଟ। ଏହା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସବିଶେଷ ଆଲୋଚନା କରିଥାଏ ଯାହାକି ସାଧାରଣ ଖବର କ୍ଷେତ୍ରରେ ସମ୍ଭବ ନୁହେଁ।

ଅନେକ କ୍ଷେତ୍ରରେ ଫିଚର ଗତାନୁଗତିକ ଖବର ଠାରୁ କିଛି ମାତ୍ରାରେ ଭିନ୍ନ ହୋଇଥାଏ। ଖବର ଭଳି ଫିଚର ଇନ୍‌ଭର୍ଟେଡ୍ ପିରାମିଡ୍ ଶୈଳୀରେ ଲେଖାଯାଏ ନାହିଁ। ଖବର କୌଣସି ପ୍ରସଙ୍ଗର ସାରାଂଶ ଆରମ୍ଭରେ ଦେଲାବେଳେ ଫଚର ପ୍ରସ୍ତୁତି କ୍ଷେତ୍ରରେ ଏହାର ପାଠକମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବା ପାଇଁ ଚେଷ୍ଟା କରାଯାଏ। ତୁଳନାତ୍ମକ ଭାବରେ ବିଚାର କଲେ ଖବର ଓ ଫିଚରର ପରିସର ଓ ଉଦ୍ଦେଶ୍ୟ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଖବରରେ ବିଭିନ୍ନ ତଥ୍ୟକୁ ସିଧାସଳଖ ଉପସ୍ଥାପନ କରାଯାଏ କିନ୍ତୁ ଫିଚର କୌଣସି ଘଟଣାର ଯେକୌଣସି ଭାଗକୁଧ୍ୟାନ ଆକର୍ଷଣ କଲା ଭଳି ଶୈଳୀରେ ବର୍ଣ୍ଣନା କରିଥାଏ। ଖବର ପାଠକଙ୍କୁ କେବଳ ସୂଚନା ଦେଲାବେଳେ ଫିଚର ପାଠକଙ୍କ ମନରେ ଭାବନାତ୍ମକ ପ୍ରଭାବ ପକାଇ ଥାଏ। ଫିଚରର ସବୁବେଳେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଥିଲାବେଳେ କ୍ୱଚିତ କୌଣସି ଆଭିମୁଖ୍ୟ ଥିବା ଲକ୍ଷ୍ୟ କରାଯାଇଛି।

ଫିଚର ସବୁବେଳେ ପାଠକମାନଙ୍କୁ ପ୍ରଥମ ଧାଡ଼ିରୁ ବା ଆରମ୍ଭରୁ ନିର୍ଦ୍ଦିଷ୍ଟ ବିଷୟରେ ଖବର ନଦେଇ କାହାଣୀ ମାଧ୍ୟମରେ ଆଗକୁ ବଢ଼ିଥାଏ । ସାଧାରଣ ସାମ୍ବାଦିକତାରେ ଖବର ଲେଖା ଶୈଳୀ ଠାରୁ ଭିନ୍ନ ହୋଇଥିବାରୁ ଫିଚର ଲେଖିବା ସମୟରେ ସାହିତ୍ୟିକ ଭାଷା ବ୍ୟବହାର ଓ ବର୍ଣ୍ଣନାର ସୁଯୋଗ ରହିଥାଏ । ଏହି ଲେଖା 'ଇନ୍‌ଭର୍ଟେଡ୍ ପିରାମିଡ୍' ଶୈଳୀର ବିପରୀତରେ କୌଣସି ଏକ ଉପାଖ୍ୟାନରୁ ମଧ୍ୟ ଆରମ୍ଭ ହୋଇପାରେ । ଏହା ଏକ ସ୍ୱତନ୍ତ୍ର ଶୈଳୀରେ ପାଠକଙ୍କୁ ସୂଚନା ଦେଇଥାଏ । ଅଧିକ ସୃଜନଶୀଳ ଓ ରଙ୍ଗୀନ ଢ଼ଙ୍ଗରେ କ୍ଷୁଦ୍ର ଫିଚର ମଧ୍ୟ ପ୍ରସ୍ତୁତ କରାଯାଇପାରେ । ଉଦାହରଣ ସ୍ୱରୂପ କୌଣସି ଚେକ୍ ଲିଷ୍ଟ, ନିର୍ଦ୍ଦିଷ୍ଟ ସୂଚନା ଦେଉଥିବା ବକ୍ସ, ଚିତ୍ର ଓ କିଛି ଉଦ୍ଧୃତାଂଶ ମଧ୍ୟ ଫିଚରକୁ ଆକର୍ଷକ କରିବା ପାଇଁ ବ୍ୟବହାର କରାଯାଇ ପାରେ । କୌଣସି ସୂଚନାରେ ସଠିକ ତଥ୍ୟ ପ୍ରଦାନ, ନିରପେକ୍ଷତା ଓ ଲେଖାରେ ଶୁଦ୍ଧତା ଭଳି ସାମ୍ବାଦିକତାର ମୌଳିକ ନିୟମ ଗୁଡିକ ଫିଚର ଲେଖିବା ପାଇଁ ମଧ୍ୟ ଲାଗୁ ହୋଇଥାଏ ।

ଫିଚର ଲେଖା ସାମ୍ବାଦିକଙ୍କୁ ଲେଖିବାର ସ୍ୱାଧିନତା ଦେଇଥିଲେ ମଧ୍ୟ ଏହାର ଏକ ସ୍ୱତନ୍ତ୍ର ଫର୍ମାଟ ବା ଢ଼ାଚାଂ ରହିଛି ଯାହାକୁ ପାଳନ କରି ଫିଚର ଲେଖା ପ୍ରସ୍ତୁତ କରାଯାଏ ।




ଫିଚର ଗଠନ ଶୈଳୀ

ହେଡ୍ ଲାଇନ୍

ଲିଡ୍

ନଟ୍ ଗ୍ରାଫ୍

ବଡି

ବଡି

ବୀରବଲ୍ ଅଗ୍ରୱାଲ ନିଜ ପୁସ୍ତକ 'ଏସେନ୍ସିଆଲ ଅଫ ପ୍ରାକ୍ଟିକାଲ ଜର୍ଣ୍ଣାଲିଜିମ୍'ରେ (ବାସ୍ତବିକ ସାମ୍ବାଦିକତାର ଆବଶ୍ୟକତା) ଲେଖିଛନ୍ତି, 'ଫିଚର ଲେଖା କୌଣସି ଗୋଟିଏ ଘଟଣାର କେନ୍ଦ୍ରୀୟ ପ୍ରସଙ୍ଗ /ମୁଖ୍ୟ ବିଷୟବସ୍ତୁ ସମ୍ପର୍କରେ ବର୍ଣ୍ଣନାରୁ ହିଁ ଆରମ୍ଭ ହୁଏ। ଏହି ବିଷୟବସ୍ତୁକୁ ବିଭିନ୍ନ ବାସ୍ତବିକ ତଥ୍ୟ, ଉଦ୍ଧୃତାଂଶ, ଚିନ୍ତାଧାରା, ନିଜ ଅନୁଶୀଳନ ଓ ଏହିଭଳି ଅନେକ ସୂଚନା ସହିତ ଉପସ୍ଥାପନ କରାଯାଏ ଯାହାକି ଫିଚରର ଇଣ୍ଟ୍ରୋ ଓ ଅନ୍ୟ ପ୍ରମୁଖ ସହାୟକ ଭାଗ ଗୁଡ଼ିକୁ ଅଲଗା କରି ଥାଏ।' ଫିଚର ଲେଖା ଶୈଳୀକୁ ମୁଖ୍ୟତଃ କେତୋଟି ଭାଗରେ ବିଭକ୍ତ କରାଯାଇଛି ଯଥା ;

- ପାଠକଙ୍କର ଧ୍ୟାନ ଆକର୍ଷଣ କରିବା ଓ ପଢ଼ିବାର ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ଫିଚର ଗୁଡ଼ିକ ଅଧିକାଂଶ ସମୟରେ କୌଣସି ଖଣ୍ଡବାକ୍ୟ ବା ଉଦ୍ଧୃତାଂଶକୁ ଉଦ୍ଧାର କରି ସେଥିରୁ ବର୍ଣ୍ଣନା କରାଯାଇ ଲେଖା ଆରମ୍ଭ ହୁଏ। ମୁଖ୍ୟତଃ ଏହା ସମ୍ପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ ପାଇଁ ମଚଂ ପ୍ରସ୍ତୁତି କରିଥାଏ।

- ଏକ ସାଧାରଣ ଘଟଣାକୁ ବିଶେଷ ଭାବରେ ପ୍ରସ୍ତୁତ କରାଯାଏ ଯାହା ପାଠକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ବିଷୟରେ ସବିଶେଷ ସୂଚନା ଦେବାରେ ସମର୍ଥ ହେବ ବା ପାଠକମାନଙ୍କ ପାଇଁ ଏହାର ମୂଲ୍ୟ କ'ଣ , ଏହା ସେମାନଙ୍କ ସହିତ କେମିତି ଜଡିତ ବା ନିକଟରେ ଘଟିଥିବା କିଛି ଘଟଣା ବା ଚର୍ଚ୍ଚିତ ପ୍ରସଙ୍ଗ ସହ କିଭଳି ଜଡିତ ସେ ନେଇ ଫିଚରଟି ପ୍ରସ୍ତୁତ ହୁଏ। ଏହି ଭାଗକୁ 'ଏଷ୍ଟାବ୍ଲିସିଂ ସେକ୍ସନ୍' (ଧାରଣା ନିର୍ମାଣ ଭାଗ) ବା ଫନଟ୍ ପରାଗ୍ରାଫ୍' କୁହାଯାଏ।

- ଗୋଟିଏ ବିଷୟବସ୍ତୁର ୨ବା ଏଥିରୁ ଅଧିକ ସହାୟକ ପ୍ରସଙ୍ଗରେ ବର୍ଣ୍ଣନା। ଏଗୁଡ଼ିକ ହେଉଛି ଟପିକ୍ ବା ମୁଖ୍ୟ ପ୍ରସଙ୍ଗ ଯାହାକି କୌଣସି ରଚନା ବା ବସ୍ତୃତ ଲେଖା ପ୍ରସ୍ତୁତିରେ ସହାୟତା କରିଥାଏ। ଏହାକୁ 'ବଡି ଅଫ୍ ଦି ଆର୍ଟିକିଲ' ବା ଫିଚରର ଶରୀର କହନ୍ତି।

- ଶେଷଭାଗ ଅଧିକ ଦୃଢ଼ ହେବା ଆବଶ୍ୟକ। ଅନେକ ପାଠକ ଭଲ ଭାବରେ ଲେଖାଯାଇଥିବା ଫିଚରକୁ ଶେଷ ପର୍ଯ୍ୟନ୍ତ ପଢ଼ିଥାନ୍ତି। ଫିଚର ଶେଷଭାଗ ବା ପରିସମାପ୍ତିରେ ଅନେକ ଆଶା-ଆକାଂକ୍ଷା-ଆଶଙ୍କାର ଫେଣ୍ଟାଫେଣ୍ଟି ରଙ୍ଗମିଶା କାହାଣୀ, ହାସ୍ୟର ସ୍ପର୍ଶ ଓ କୌଣସି ଉପଯୁକ୍ତ ଉଦ୍ଧୃତାଂଶ କିମ୍ବା ଭବିଷ୍ୟତରେ ବିସ୍ତୃତ ଆଲୋଚନା ଯୋଗ୍ୟ କୌଣସି ପ୍ରସଙ୍ଗ ଲେଖାଯାଏ। ବେଳେବେଳେ ଫିଚରର ଶେଷ ଭାଗ, ପ୍ରଥମ ଭାଗ ସହିତ ସମ୍ପର୍କିତ ହୋଇଥାଏ ଫଳରେ ପ୍ରଥମ ପାରାଗ୍ରାଫ୍‌ରେ ପାଠକ ମନରେ ଉଠିଥିବା ପ୍ରଶ୍ନର ଉତ୍ତର ଶେଷ ଭାଗରେ ମିଳିଯାଏ।

## ୧.୫.୨ ସ୍ୟାଣ୍ଡ୍ ଆଣ୍ଡ କ୍ଲକ୍ ଷ୍ଟାଇଲ୍ (ବାଲି ଓ ଘଂଟା ଶୈଳୀ)

ଖବର ଲେଖିବାର ସ୍ୟାଣ୍ଡ୍ ଆଣ୍ଡ କ୍ଲକ୍ ଷ୍ଟାଇଲ୍ (ବାଲି ଓ ଘଣ୍ଟା ଶୈଳୀ) (ଘଣ୍ଟା ଶୈଳୀ ଭାବରେ ମଧ୍ୟ ଜଣା) ହେଉଛି ଓଲଟା ପିରାମିଡ୍‌ର ଅନ୍ୟ ଏକ ରୂପାନ୍ତରିତ ଶୈଳୀ। ଏହା ଓଲଟା (ଇନର୍ଭଟେଡ୍ ) ପିରମିଡ୍ ଓ ବର୍ଣ୍ଣନା (ନ୍ୟାରେଟିଭ୍) ଶୈଳୀର ମିଶ୍ରିତ ଫର୍ମାଟ। ପଏଂଟର ଇନ୍‌ଷ୍ଟିଚ୍ୟୁଟ୍‌ର ରଏ ପିଟର କ୍ଲାର୍କଙ୍କ ୧୯୮୩ରେ ଏହି

ଶୈଳୀର ଚିହ୍ନଟ କରିଥିଲେ। ଇନର୍ଭଟେଡ୍  ପିରମିଡ୍ ଗଠନଶୈଳୀ ଭଳି ଏଥିରେ ମଧ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଖବରର ସର୍ବପ୍ରଥମ ସ୍ଥାନରେ ରହେ କିନ୍ତୁ ଏହି ଖବର ପ୍ରସ୍ତୁତିର ରୂପରେଖ ଠିକ୍ ମଝିରେ ବଦଳି ଯାଏ ଏବଂ ସମୟ ଅନୁସାରେ ଘଟିଥିବା ଘଟଣାଗୁଡିକ ବର୍ଣ୍ଣନା କରେ। ଏହି ଖବର ଲେଖିବା ଶୈଳୀ ୩ ଭାଗରେ ବିଭକ୍ତ। ଦି ଟପ୍, ଦି ଟର୍ଣ୍ଣ ଓ ଦି ନ୍ୟାରେଟିଭ୍।

- **ଦି ଟପ୍ :** ଏହି ଠାରୁ ଖବର ଆରମ୍ଭ ହୁଏ। ଏଥିରେ ଗୋଟିଏ ସାରାଂଶ ଖବରର ଶୀର୍ଷକ ଭାବରେ ରହେ ଯାହାକୁ ପରେ ପରେ ୩ରୁ ୪ଟି ପାରାରେ ତଥ୍ୟ ସହିତ ବର୍ଣ୍ଣନା କରାଯାଏ। ଏଥିରେ ଆରମ୍ଭରୁ ମୂଳ ଖବରକୁ ସଂକ୍ଷିପ୍ତ ଭାବେ ଜଣାଇ ଦିଆଯାଏ ଫଳରେ ପାଠକ ଯଦି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଖବର ନପଢ଼ିଲେ ମଧ୍ୟ ଆବଶ୍ୟକୀୟ ସୂଚନା ପାଇ ଯାଆନ୍ତି। ଯେହେତୁ ସମ୍ପୂର୍ଣ୍ଣ ଖବର ୪ରୁ ୬ ପାରା ମଧ୍ୟରେ ସୀମିତ ହୋଇଥାଏ ତେଣୁ ଆରମ୍ଭରୁ ହିଁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଦିଆଯାଇଛି।




- **ଦି ଟର୍ଣ୍ଣ :** ଏହି ଠାରୁ ହିଁ ଖବର ପ୍ରସ୍ତୁତିର ମୋଡ ପରିବର୍ତ୍ତିତ ହୁଏ। ଏହି ଶୈଳୀରେ ଖବର ଲିଖନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ହେଉଛି ଦି ଟର୍ଣ୍ଣ ଓ ଏହି ପର୍ଯ୍ୟାୟରେ ଲେଖା ହେଉଥିବା କାରଣ ପରବର୍ତ୍ତୀ ସମୟରେ ଖବରକୁ ବର୍ଣ୍ଣନା କରି ଲେଖିବା ପାଇଁ ସୁଯୋଗ ଦିଏ।
- **ଦି ନ୍ୟାରେଟିଭ୍ :** ବିସ୍ତୃତ ବର୍ଣ୍ଣନା, ଏହା ଖବରର ଶେଷ ପର୍ଯ୍ୟାୟ। ଏହା ଆରମ୍ଭ, ମଧ୍ୟ ଓ ଶେଷରେ ବର୍ଣ୍ଣିତ ପର୍ଯ୍ୟାୟ ବିଷୟରେ କ୍ରମାନ୍ୱୟରେ ସୂଚନା ଦିଏ। ବିସ୍ତୃତ, କଥୋପକଥନ, ଉଦ୍ଧୃତାଂଶ, ପୃଷ୍ଠଭୂମି ସଂକ୍ରାନ୍ତ ସୂଚନା ଏଠାରେ ଲପଲବ୍ଧ ହୁଏ।

ସ୍ୟାଣ୍ଡ୍ କ୍ଲକ୍ ଶୈଳୀରେ ଖବରକୁ ସଂକ୍ଷେପରେ ଲେଖାଯାଏ ଓ ପରେ ଏହା ଏକ କାହାଣୀ ଭଳି ବଦଳି ଯାଏ । ଏହି ଶୈଳୀର ବ୍ୟବହାର ସେତେବେଳେ କରାଯାଏ ଯେତେବେଳେ ସମାୟାନୁକ୍ରମିକ ଭାବରେ ଘଟିଥିବା ଘଟଣା ସମ୍ପର୍କରେ ଉଲ୍ଲେଖ କରାଯାଏ । ବିଭିନ୍ନ ପ୍ରକାର ପରୀକ୍ଷା, ଦୁର୍ଘଟଣା, ଅପରାଧ, ଦୁର୍ବିପାକ ଇତ୍ୟାଦି ବିଷୟ ଗୁଡିକରେ ଖବର ପ୍ରକାଶ ନିମନ୍ତେ ଏହା ସର୍ବଶ୍ରେଷ୍ଠ ଶୈଳୀ ଭାବେ ବିଚାର କରାଯାଏ । ଯେଉଁଠାରେ ଖବର କୁ କାହାଣୀ ଆକାରରେ କ୍ରମାନ୍ୱୟରେ ପ୍ରସ୍ତୁତ କରାଯାଇପାରେ । ଏହା ଉଭୟ ପାରମ୍ପରିକ ଶୈଳୀରେ ଖବର ଲେଖିବାକୁ ପସନ୍ଦ କରୁଥିବା ସମ୍ପାଦକ ଓ ଅଧିକ ବିସ୍ତୃତ ଭାବରେ ଖବର ପଢ଼ିବାକୁ ଆଗ୍ରହୀ ଥିବା ପାଠକଙ୍କୁ ସନ୍ତୁଷ୍ଟି ପ୍ରଦାନ କରେ ।

## ୧.୫.୩ ନଟ୍ ଗ୍ରାଫ୍

'ଇନ୍ ଏ ନଟ୍ ସେଲ' ଓ ପାରାଗ୍ରାଫ୍ ଭଳି ବାକ୍ୟର କିଛି ଅଂଶକୁ ମିଶାଇ ପ୍ରସ୍ତୁତ କରାଯାଇଛି ବା ଉଦ୍ଧୃତ ହୋଇଛି 'ନଟ ଗ୍ରାଫ୍' ଶବ୍ଦ । ଏହା (ଲିଡ୍) ଶୀର୍ଷ ଖବର ପରେ ପରେ ସମ୍ପୂର୍ଣ୍ଣ ଖବର ବା ପ୍ରସଙ୍ଗ ସମ୍ପର୍କରେ ମୁଖ୍ୟ ସୂଚନା ପ୍ରଦାନ କରୁଥିବା ପାରାଗ୍ରାଫ୍‌କୁ ରେଫର କରିଥାଏ । ଦି ଓ୍ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ଲେଖକ ଓ ସଂପାଦକ କେନ୍ ଓ୍ୱେଲ୍ସ ନଟ୍, ଗ୍ରାଫ ବିଷୟରେ ବର୍ଣ୍ଣନା କରିବାକୁ ଯାଇ କହନ୍ତି 'ଗୋଟିଏ ପରାଗ୍ରାଫ୍ ଯାହା ସମ୍ପୂର୍ଣ୍ଣ କାହାଣୀ ବିଷୟରେ ସୂଚନା ଦିଏ ଓ ପାଠକଙ୍କୁ ଏହା ଜଣାଇ ଥାଏ ଯେ, ସେମାନେ ଏହି କାହାଣୀ ବା ଖବର କାହିଁକି ପଢ଼ିବା ଉଚିତ । ଏହା ପାଠକଙ୍କୁ ସଙ୍କେତ ଦିଏ ଯେ, ସେ ଆଗକୁ ପଢ଼ିବାକୁ ଇଚ୍ଛା କରୁଛନ୍ତି କି ନାହିଁ । ସେ ଆଗକୁ ପଢ଼ିବାକୁ ଇଚ୍ଛା ନକଲେ ମଧ ସମ୍ପୂର୍ଣ୍ଣ ଖବର ବିଷୟରେ ଆଗରୁ ଜାଣିସାରିଥାନ୍ତି ।' ପ୍ରାୟ ୫୦ ବର୍ଷ ପୂର୍ବେ ଓ୍ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଏହି ଶବ୍ଦ ବ୍ୟବହାର କରିଥିଲେ । ଏହାକୁ 'ନଟ୍ ଗ୍ରାଫ୍' କୁହାଯାଏ କାରଣ ନଟ୍ ବା ମଞ୍ଜି ଭଳି ଏଥିରେ 'କରନେଲ୍' ବା ସମ୍ପୂର୍ଣ୍ଣ ଖବରର ସାର ଅଂଶ ହିଁ ରହିଥାଏ ।

ନଟ୍ ଗ୍ରାଫ୍ ପାଠକଙ୍କୁ ଖବରର ମୁଖ୍ୟ ଫୋକସ୍ ବା ଫିଚର ବିଷୟରେ ଜଣାଇ ଥାଏ । ଏହା ଶୀର୍ଷ ଖବରକୁ ବିସ୍ତୃତ ଭାବରେ ବର୍ଣ୍ଣନା କରେ ଓ ଖବରର ବିଷୟ ବସ୍ତୁକୁ ବିସ୍ତାର ଭାବରେ ବର୍ଣ୍ଣନା କରିବାକୁ ପୃଷ୍ଠଭୂମି ପ୍ରଦାନ କରିଥାଏ ଓ ଖବରର ମାନ ନିର୍ଦ୍ଧାରଣ କରିଥାଏ ।

ଏହା ପାଠକଙ୍କୁ ଜଣାଇ ଥାଏ ଯେ, ଲେଖକ କ'ଣ କହିବାକୁ ଚାହୁଁଛନ୍ତି । ବେଳେବେଳେ ନଟ୍ ଗ୍ରାଫ୍ କ'ଣ, କାହିଁକି ଭଳି ପ୍ରଶ୍ନର ପରିବର୍ଦ୍ଧିତ ବ୍ୟାଖ୍ୟା କରିବା ସହିତ ଶୀର୍ଷରେ ଲେଖାଯାଇଥିବା ଖବର ପାଇଁ ପୃଷ୍ଠଭୂମୀ ପ୍ରସ୍ତୁତ କରିଥାଏ । ଆମେରିକା ସ୍ଥିତ ପଏଂଟର ଇନ୍‌ଷ୍ଟିଚ୍ୟୁଟ୍ ଅନୁସାରେ 'ଦି ନଟ୍ ଗ୍ରାଫ୍'ର ଅନେକ ଉଦ୍ଦେଶ୍ୟ ରହିଛି;

- ପାଠକମାନେ କାହିଁକି ଗୋଟିଏ ପ୍ରସଙ୍ଗକୁ ନେଇ ଚିନ୍ତାଶୀଳ ଏହା ବୁଝାଇବା ସହିତ ଏହି ଶୈଳୀରେ ଖବରକୁ ଯୁକ୍ତଯୁକ୍ତ ବୋଲି ପ୍ରମାଣିତ କରିଥାଏ ।
- ଏହା ଶୀର୍ଷ ଖବର ଓ ଖବରର ବିଷୟ ବସ୍ତୁ ମଧରେ ଏକ ଯୋଗସୂତ୍ର ସ୍ଥାପନ କଲାଭଳି କାର୍ଯ୍ୟକରେ ଓ ଶୀର୍ଷ ଏବଂ ଏହାର ଅନ୍ୟାନ୍ୟ ସଂଯୋଗକୁ ବ୍ୟାଖ୍ୟା କରେ ।

- ଏହା ପାଠକଙ୍କୁ ଜଣାଏ କାହିଁକି ଖବରଟି ନିର୍ଦ୍ଦିଷ୍ଟ ସମୟରେ ପ୍ରକାଶିତ ହେଉଛି
- ଅଧିକାଂଶ ସମୟରେ ଖବର ଟି କାହିଁକି ଗୁରୁତ୍ୱପୂର୍ଣ୍ଣ ବୁଝାଇବା ପାଇଁ ଏହା ଅନେକ ସହାୟକ ସାମଗ୍ରୀ ବ୍ୟବହାର କରିଥାଏ।

ନଟ୍ ଗ୍ରାଫରେ ସୃଜନଶୀଳତା ପ୍ରକାଶ ପାଇଁ ସ୍ୱାଧିନତା ମିଳେ। ତେବେ ନିୟମିତ ଖବର କ୍ଷେତ୍ରରେ କେବଳ ନ୍ୟୁଜ ପୃଷ୍ଠଭୂମି ଉପରେ ଗୁରୁତ୍ୱପ୍ରଦାନ କରାଯାଏ ତେଣୁ ନଟ୍ ଗ୍ରାଫ୍‌ର ଆବଶ୍ୟକତା ପଡେ ନାହିଁ। କିନ୍ତୁ ଫିଚର ଲେଖିଲା ବେଳେ ବା ଅନ୍ୟ କୌଣସି ସଫ୍ଟ ଷ୍ଟୋରି ଲେଖିଲାବେଳେ ନଟ୍ ଗ୍ରାଫ୍ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଅଧିକାଂଶ କ୍ଷେତ୍ରରେ ସମ୍ପୂର୍ଣ୍ଣ ଖବରର ତୃତୀୟରୁ ପଚଂମ ପାରା ପର୍ଯ୍ୟନ୍ତ ନଟ୍ ଗ୍ରାଫ୍ ଶୈଳୀରେ ଲେଖାଯାଏ। ତେବେ ଯଦି ଖବରର ଶୀର୍ଷରେ ଦିଆଯାଇଥିବା ସୂଚନା ଦୃଢ଼ ହୋଇଥାଏ ତେବେ ନଟ୍ ଗ୍ରାଫଶୈଳୀ ଲେଖା ଶେଷ ଆଡକୁ ଦେଖିବାକୁ ମିଳେ।

## ୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧. ଖବର ସଂଗ୍ରହ (ନ୍ୟୁଜ ରିର୍ପୋଟିଂ) ଅନୁସାରେ ଫାଇଭ୍ ଡବ୍ଲ୍ୟୁ ଓ ୱାନ୍ ଏଚ୍ କ'ଣ ?

୨. ଓଲଟା ପିରମିଡ୍ ଶୈଳୀରେ ଖବର ଲେଖିବାକୁ ବର୍ଣ୍ଣନା କରନ୍ତୁ ?

୩. ଫିଚର ଶୈଳୀରେ ନିଉଜ ରିପୋର୍ଟିଂ କେଉଁଠାରେ ବ୍ୟବହାର ହୁଏ ?

୪. ନଟ୍ ଗ୍ରାଫ୍ ଶୈଳୀରେ ନ୍ୟୁଜ୍ ଲେଖାକୁ ବ୍ୟାଖ୍ୟା କର ?

# ଦ୍ୱିତୀୟ ଏକକ : ଖବର ପର୍ଯ୍ୟାୟଭୁକ୍ତ ହେବା ନିମନ୍ତେ ମାନଦଣ୍ଡ ; ଖବର ଚୟନର ମୌଳିକ ସିଦ୍ଧାନ୍ତ

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଉପକ୍ରମ
୨.୩ ଖବର ପର୍ଯ୍ୟାୟଭୁକ୍ତ ହେବା ନିମନ୍ତେ ମାନଦଣ୍ଡ
୨.୪ ଖବର ନିମନ୍ତେ ବିଷୟ ଚୟନ
୨.୫ ଖବର ଚୟନର ମୌଳିକ ସିଦ୍ଧାନ୍ତ
୨.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

## ୨.୧ ପଠନର ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ ଆମେ ଖବର ପର୍ଯ୍ୟାୟଭୁକ୍ତ ହେବା ନିମନ୍ତେ ନିର୍ଦ୍ଧାରିତ ମାନଦଣ୍ଡ ସମ୍ପର୍କରେ ଓ ଅଣ-ଔପଚାରିକ ଶୈଳୀରେ ସାମ୍ବାଦିକ, ରିପୋର୍ଟର, ଲେଖକ ଓ ସମ୍ପାଦକମାନେ ଯେଭଳି କୌଣସି ସୂଚନାକୁ ଅବଚେତନ ଭାବରେ ବାଛନ୍ତି ଓ ଏହାକୁ ଖବର ଭାବରେ ପ୍ରକାଶ କରନ୍ତି ସେ ସମ୍ପର୍କରେ ଜାଣିବା।

## ୨.୨ ଉପକ୍ରମ

ଖବର ପ୍ରସ୍ତୁତ କରିବା ପାଇଁ କୌଣସି ସୂଚନା ବା ଲେଖା କିଭଳି ଚୟନ କରାଯାଏ ସେ ସମ୍ପର୍କରେ ଜାଣିବା ପୂର୍ବରୁ ଆମକୁ ନ୍ୟୁଜ ଡେସ୍କ ବା ଖବର ପ୍ରସ୍ତୁତି ଶୈଳୀ ସମ୍ପର୍କରେ ବୁଝିବାକୁ ପଡିବ ଯେଉଁଠି ବିଭିନ୍ନ ଦଳଗୁଡିକୁ ଭିନ୍ନ ଭିନ୍ନ ଖବର ଲେଖିବାର ଦାୟିତ୍ୱ ଦିଆଯାଇଥାଏ। ।

ନ୍ୟୁଜ ଡେସ୍କ କେବଳ ରିପୋର୍ଟରମାନଙ୍କୁ ବିଭିନ୍ନ ବିଭାଗ (ବିଟ୍)ରେ ଖବର ଲେଖିବା ଦାୟିତ୍ୱ ବିରତଣ ସହିତ ସାମ୍ବାଦିକମାନଙ୍କୁ ଖବର ପ୍ରସ୍ତୁତି ନିମନ୍ତେ ବିଚାର ଧାରା/ବୁଦ୍ଧି (ଆଇଡିଆ) ଦେବାରେ ଖ୍ୟାତି ତା'ନୁହେଁ, ଖେଳ ପୃଷ୍ଠା ନିମନ୍ତେ ପ୍ରସ୍ତୁତ ଲେଖା ଯଦି ଖବର କାଗଜର ପ୍ରଥମ ପୃଷ୍ଠାର ଶୀର୍ଷ ଖବର ହେବା ଯୋଗ୍ୟ ହୁଏ ତେବେ ସେତେବେଳେ ମଧ୍ୟ ନ୍ୟୁଜ ଡେସ୍କ ହସ୍ତକ୍ଷେପ କରେ।

## ୨.୩ ଖବର ପର୍ଯ୍ୟାୟଭୁକ୍ତ ହେବା ନିମନ୍ତେ ମାନଦଣ୍ଡ

ଖବରର ମୂଲ୍ୟାୟନ ସାମ୍ବାଦିକ, ସମ୍ପାଦକ, ଖବର ପ୍ରକାଶନ ସହିତ ଜଡିତ ବ୍ୟକ୍ତିମାନଙ୍କୁ ମିଳୁଥିବା ସୂଚନାଗୁଡିକୁ ନିୟମିତ ଭାବେ ବ୍ୟବସ୍ଥିତ ଢ଼ଙ୍ଗରେ ବର୍ଗୀକରଣ କରାଇବାରେ ସାହାଯ୍ୟ କରେ। ଅନ୍ୟ ତୁଳନାରେ ଖବର ପର୍ଯ୍ୟାୟଭୁକ୍ତ ହେବା ପାଇଁ ଉପଯୁକ୍ତ ସୂଚନାଗୁଡିକୁ ଚୟନ କରିବାରେ ଏହା ସାହାଯ୍ୟ କରେ। ଏହା ଲିଡ୍ ଷ୍ଟୋରି, ଆଙ୍କର ଷ୍ଟୋରି, ବ୍ଲର୍ବ ଓ ସ୍ନିପେଟ୍ ସହିତ କେଉଁ ଖବର ଛପା ଯିବ ଓ କେଉଁଟି ଛପାଯିବ ନାହିଁ ସେ

କେତେକ ସୂଚନା ଇତିହାସ ଭିତ୍ତିକ ଓ ଆଉ କେତେକ ସୂଚନା ଅତି ପୁରଣା ହୋଇଥାଏ । ଏ ପ୍ରକାର ସୂଚନା ପାଇଁ ଅଭିଲେଖାଗାର ଉପଯୋଗ କରିବା ପାଇଁ ପଡ଼ିଥାଏ । ତେଣୁ ଅତୀତ ଇତିହାସର ସୂଚନାର ସୂତ୍ର ଭାବେ ଅଭିଲେଖାଗାରକୁ ବିବେଚନା କରାଯାଇଥାଏ । କିନ୍ତୁ ବର୍ତ୍ତମାନ ସମୟରେ ଅନେକ ଅଭିଲେଖୀୟ ବା ପୁରାତନ ସୂଚନା ଆମେ ଇଂଟରନେଟରୁ ପାଇପାରୁଛେ । ପ୍ରତ୍ୟେକ ସମ୍ବାଦ ସଂସ୍ଥା ପାଇଁ ଅଭିଲେଖାଗାର ଓ ଇଂଟରନେଟ୍ ସୂଚନାର ବୃହତ ଉତ୍ସ ଭାବେ ପରିଗଣିତ ହୋଇଥାଏ ।

## ୩.୩ ଅଭିଲେଖାଗାର ଉପଯୋଗ

ଐତିହାସିକ ସୂଚନା ସମ୍ବଳିତ ଦସ୍ତାବିଜ ସଂରକ୍ଷଣର ସ୍ଥଳୀ ହେଉଛି ଅଭିଲେଖାଗାର । ବିଭିନ୍ନ ବ୍ୟକ୍ତିବିଶେଷ ବା ସଂସ୍ଥା ଦ୍ୱାରା ବିଭିନ୍ନ ମୂଳ ଦସ୍ତାବିଜ୍ ସମୟକ୍ରମେ ଅଭିଲେଖାଗାରରେ ସଂରକ୍ଷିତ ରହିଥାଏ । ଏହା ପୁନଃ ବ୍ୟବହାର ପାଇଁ ଗଚ୍ଛିତ ରହିଥାଏ । ଅଭିଲେଖାଗାରକୁ ନିୟମିତ ଆଇନଗତ, ବ୍ୟବସାୟିକ, ପ୍ରଶାସନିକ ବା ସାମାଜିକ କାର୍ଯ୍ୟାଧାରାର ସ୍ୱାଭାବିକ ଦସ୍ତାବିଜର ଉପାଦାନ ଭାବେ ପେଶାଦାର ଅଭିଲେଖକାରୀ ଓ ଐତିହାସିକମାନେ ଗ୍ରହଣ କରିଥାନ୍ତି । ମୁଦ୍ରଣ ସଂସ୍ଥା ଓ ସମ୍ବାଦପତ୍ର ସଂସ୍ଥା ନିଜ ପ୍ରକାଶିତ ସମ୍ବାଦପତ୍ର ଓ ପୁସ୍ତକ ପାଠାଗାରରେ ସାଇତି ରଖିଥାନ୍ତି ।

ସାଧାରଣ ଭାବେ ବୁଝିବାକୁ ଗଲେ ସାଂସ୍କୃତିକ, ଐତିହାସିକ ଓ ଅନ୍ୟ ଘଟଣାର ଦୀର୍ଘମିଆଦୀ ମୂଲ୍ୟକୁ ବିଚାରକୁ ନେଇ ମନୋନୀତ ଦସ୍ତାବିଜ ସ୍ଥାୟୀ ଅଥବା ଦୀର୍ଘ ମିଆଦୀ ଭିତ୍ତିରେ ସଂରକ୍ଷଣ ଅଭିଲେଖାଗାରରେ ହୋଇଥାଏ । ଅଭିଲେଖାଗାର ଦସ୍ତାବିଜ୍ ସାଧାରଣତଃ ଅପ୍ରକାଶିତ ଓ ଅନନ୍ୟ । ଏହା ପୁସ୍ତକ ବା ପତ୍ରିକା ପରି ନୁହେଁ, ଯାହାର ଅନୁରୂପ ଖଣ୍ଡ ବଜାରରେ ଉପଲବ୍ଧ ହୋଇଥାଏ । ଅର୍ଥାତ ଏକ ପାଠାଗାର କୋଠରୀ ମଧ୍ୟରେ ଅଭିଲେଖର ଉପାଦାନ ମିଳିପାରେ , କିନ୍ତୁ ନିଜର କାର୍ଯ୍ୟଧାରା ଓ ସଂସ୍ଥା ରୂପରେଖ ଭିତ୍ତିରେ ଅଭିଲେଖାଗାର ପାଠାଗାରଠୁ ଭିନ୍ନ ।

କମ୍ପ୍ୟୁଟର ଉପଯୋଗ ଦ୍ୱାରା ରେକର୍ଡ଼ ସଂରକ୍ଷଣ ସରଳ ହୋଇପାରିବା ସହ ଉପଲବ୍ଧି ମଧ୍ୟ ସହଜ ହୋଇପାରିଛି । ମୁଦ୍ରିତ ଗଣମାଧ୍ୟମ ଅତୀତ ସୂଚନାକୁ ନେଇ ସର୍ବଦା ଖବର ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ଅତୀତ ସୂଚନା ପାଇଁ ସାମ୍ବାଦିକ ବିଭିନ୍ନ ଅନଲାଇନ ୱେବ ପୋର୍ଟାଲ ଓ ସମ୍ବାଦପତ୍ର ଅଭିଲେଖାଗାରର ସହାୟତା ନେଇଥାନ୍ତି । ଅଧିକାଂଶ ସମ୍ବାଦପତ୍ର ସଂସ୍ଥା ପୁରୁଣା ସମ୍ବାଦପତ୍ର ନିଜ ୱେବ୍‌ସାଇଟରେ ରଖିଥାନ୍ତି ।

ସମ୍ବାଦ ସରବରାହ ସଂସ୍ଥାର ମଧ୍ୟ ନିଜସ୍ୱ ଅଭିଲେଖାଗାର ରହିଛି । ଗଣମାଧ୍ୟମ ସଂସ୍ଥା ପାଇଁ ଏହା ସବୁଠାରୁ ନିର୍ଭରଯୋଗ୍ୟ ସୂଚନା ସୂତ୍ର । ଏଠାରେ ପୂର୍ବ ବର୍ଷର ମୂଳ ପ୍ରକାଶନ ଉପଲବ୍ଧ ହୋଇଥାଏ । ଇତିହାସ ବହି ଆମକୁ ଏକ ସଂକ୍ଷିପ୍ତ ଚିତ୍ର ପ୍ରଦାନ କରୁଥିବାବେଳେ ସାମ୍ବାଦିକ ଇତିହାସର ଆଖିଦେଖା ବିବରଣୀର ସୂତ୍ର ହୋଇଥାନ୍ତି । ଅଷ୍ଟାଦଶ ଶତାବ୍ଦୀରୁ ବର୍ତ୍ତମାନ ପର୍ଯ୍ୟନ୍ତ ଗବେଷକ ଚାହୁଁଥିବା ଖବରର ସମସ୍ତ ପୂର୍ଣ୍ଣାଙ୍ଗ ବିବରଣୀ ଖବର ଓ ସମ୍ବାଦପତ୍ର ଅନଲାଇନ ଅଭିଲେଖାଗାର ଯୋଗାଇ ଦେଇଥାନ୍ତି । ଜଣେ ସାମ୍ବାଦିକ ବିଶ୍ୱସ୍ତରୀୟ ସମ୍ବାଦପତ୍ରର ଫଟୋ, ସମ୍ବାଦ, ସମ୍ପାଦକୀୟ ଆଦି ଗୋଟିଏ ମଞ୍ଚରୁ ପାଇପାରିଥାନ୍ତି ।

- ମୁଖ୍ୟତଃ ପାଠକମାନଙ୍କର ପସନ୍ଦ ହିଁ ଖବରର ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାର ମୂଳ ସୂତ୍ର ଅଟେ। ବେଳେବେଳେ କୌଣସି ନିର୍ଦ୍ଦିଷ୍ଟ ବିଷୟପ୍ରତି ପାଠକମାନଙ୍କର ଆଗ୍ରହ ବଢିଯାଏ ଏବଂ ଖବରର ମୂଲ୍ୟ ମଧ ବଢ଼ିଯାଏ ଓ ଏହା ପୁନଃ ସ୍ୱାଭାବିକ ଭାବରେ ଶେଷ ମଧ ହୋଇଯାଏ। ଏସମସ୍ତ ଘଟଣା ଭିତରରେ ମଧ ଖବରର ମୂଲ୍ୟାୟନ ପଦ୍ଧତି ମୌଳିକ ନିୟମଗୁଡିକ ସବୁ ସମୟରେ ଏକ ସ୍ୱୟଂଶାସିତ ଗୁଣାତ୍ମକ ପ୍ରକ୍ରିୟା ଭାବରେ ପରିଗଣିତ ହୁଏ।

**ତୃତୀୟ ଏକକ :**

- ଐତିହାସିକ ସୂଚନା ସମ୍ବଳିତ ଦସ୍ତାବିଜ ସଂରକ୍ଷଣର ସ୍ଥଳୀ ହେଉଛି ଅଭିଲେଖାଗାର । ବିଭିନ୍ନ ବ୍ୟକ୍ତିବିଶେଷ ବା ସଂସ୍ଥା ଦ୍ୱାରା ବିଭିନ୍ନ ମୂଳ ଦସ୍ତାବିଜ୍ ସମୟକ୍ରମେ ଅଭିଲେଖାଗାରରେ ସଂରକ୍ଷିତ ରହିଥାଏ । ଏହା ପୁନଃ ବ୍ୟବହାର ପାଇଁ ଗଚ୍ଛିତ ରହିଥାଏ ।

- କମ୍ପ୍ୟୁଟର ଉପଯୋଗ ଦ୍ୱାରା ରେକର୍ଡ଼ ସଂରକ୍ଷଣ ସରଳ ହୋଇପାରିବା ସହ ଉପଲବ୍ଧି ମଧ୍ୟ ସହଜ ହୋଇପାରିଛି । ମୁଦ୍ରିତ ଗଣମାଧ୍ୟମ ଅତୀତ ସୂଚନାକୁ ନେଇ ସର୍ବଦା ଖବର ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ଅତୀତ ସୂଚନା ପାଇଁ ସାମ୍ବାଦିକ ବିଭିନ୍ନ ଅନଲାଇନ ୱେବ ପୋର୍ଟାଲ ଓ ସମ୍ବାଦପତ୍ର ଅଭିଲେଖାଗାରର ସହାୟତା ନେଇଥାନ୍ତି । ଅଧିକାଂଶ ସମ୍ବାଦପତ୍ର ସଂସ୍ଥା ପୁରୁଣା ସମ୍ବାଦପତ୍ର ନିଜ ୱେବ୍‌ସାଇଟରେ ରଖିଥାନ୍ତି । ସମ୍ବାଦ ସରବରାହ ସଂସ୍ଥାର ମଧ୍ୟ ନିଜସ୍ୱ ଅଭିଲେଖାଗାର ରହିଛି ।

- ଜଣେ ସାମ୍ବାଦିକଙ୍କ ପାଇଁ ବିଶ୍ୱାସଯୋଗ୍ୟ ତଥା ଉଚ୍ଚସ୍ତରୀୟ ସଂପର୍କ ମୂଲ୍ୟବାନ ସୂଚନା ବା ଖବରର ଉତ୍ସ ହୋଇଥାଏ । ଏହି ସଂପର୍କକୁ ସୂଚନାର ଉତ୍ସ ବୋଲି ବିବେଚନା କରାଯାଇଥାଏ । ନିଜ ଆଖପାଖରେ ଘଟୁଥିବା ସମସ୍ତ କାର୍ଯ୍ୟକଳାପ ବା ଘଟଣା ସଂପର୍କରେ ଜାଣିବା ଓ ସୂଚନା ସଂଗ୍ରହ କରି ଖବର ପ୍ରକାଶ କରିବା ଜଣେ ସମ୍ବାଦିକଙ୍କ ପକ୍ଷେ ସବୁ ସମୟରେ ସମ୍ଭବ ହୋଇପାରେ ନାହିଁ । ସାଧାରଣ ସଭା, ସାମ୍ବାଦିକ ସମ୍ମିଳନୀ, ଆଲୋଚନାଚକ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରୁ ସମ୍ବାଦ ମିଳିଥାଏ । କିନ୍ତୁ ଏହି ସୂଚନା ପାଇଁ ସାମ୍ବାଦିକଙ୍କର ସ୍ୱତନ୍ତ୍ର ଯୋଗାଯୋଗ ରହିବା ଆବଶ୍ୟକ ।

- ଖବରର ସୂତ୍ର ବିଭିନ୍ନ ପ୍ରକାର ହୋଇପାରେ ; ପ୍ରାଥମିକ ବା ପ୍ରାଥମିକ ପରବର୍ତ୍ତୀ ଅଥବା ସରକାରୀ ବା ବେସରକାରୀ ହୋଇପାରେ । ଯେତେବେଳେ ଗଣମାଧ୍ୟମ ସଂସ୍ଥାର ସାମ୍ବାଦିକ ନିଜେ ଘଟଣା ସ୍ଥଳକୁ ଯାଇ ପ୍ରତ୍ୟକ୍ଷ ଭାବେ ଖବର ସଂଗ୍ରହ କରିଥାନ୍ତି ତାହାକୁ ପ୍ରାଥମିକ ସୂତ୍ର ବୋଲି କୁହାଯାଇଥାଏ । ଅନ୍ୟପକ୍ଷରେ ଯେଉଁ ଖବର ସମ୍ବାଦ ସରବରାହ ସୂତ୍ରରୁ ଉଦ୍ଧାର କରାଯାଏ ତାହାକୁ ଦ୍ୱିତୀୟ ସୂତ୍ର ଭାବେ ଗ୍ରହଣ କରାଯାଇଥାଏ ।

- ସମ୍ବାଦ ପ୍ରସ୍ତୁତି ଓ ଉପଯୋଗ କ୍ଷେତ୍ରରେ ଇଣ୍ଟରନେଟ ସର୍ବବୃହତ ଓ ପରିବ୍ୟାପ୍ତ ଖବର ଉତ୍ସ ହୋଇପାରିଛି । ଇଣ୍ଟରନେଟ ଓ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ ପାରମ୍ପରିକ ସମ୍ବାଦ ଓ ସମ୍ବାଦପତ୍ରରେ ଅନେକ ପରିବର୍ତ୍ତନ ଆଣିଦେଇଛି ।

- ବର୍ତ୍ତମାନର ବିଶ୍ୱରେ ଇଣ୍ଟରନେଟ ହେଉଛି ମାନବ ସମାଜର ଏକ ପ୍ରସିଦ୍ଧ ସୃଷ୍ଟି । ଇଣ୍ଟର୍‌ନେଟ ହେଉଛି ଜ୍ଞାନ ଓ ସୂଚନାର ଅସରନ୍ତି ଭଣ୍ଡାର ।

**ଚତୁର୍ଥ ଏକକ :**

- ସାମ୍ବାଦିକତା ହେଉଛି ବିଭିନ୍ନ ଗଣମାଧ୍ୟମ ପାଇଁ ଲିଖନର ପେଷା । ବିଭିନ୍ନ ଗଣମାଧ୍ୟମରେ ଲେଖାଗତ ଓ ଭାଷାଗତ ଭିନ୍ନତା ଆସିପାରେ । ଗଣମାଧ୍ୟମରେ ଲେଖିବା ନିମନ୍ତେ ବାସ୍ତବ ଅଭିଜ୍ଞତା ଆବଶ୍ୟକ । ସାଧାରଣ ସମ୍ବାଦ ଲିଖନ ପାଠ୍ୟକ୍ରମରେ ବେଳେବେଳେ ଉଭୟ ମୁଦ୍ରଣ ଓ ପ୍ରସାରଣ ଗଣମାଧ୍ୟମ ପାଇଁ ଲିଖନ ଶୈଳୀ ବର୍ଣ୍ଣନା କରାଯାଇଥାଏ ।

- ସମାନ ଖବର ଭିନ୍ନ ଢ଼ଙ୍ଗରେ ଉପସ୍ଥାପିତ ହୋଇଥାଏ । ଏହା କୌଣସି ସୂତ୍ର ବା ସୂଚନା ପାଇଁ ନୁହେଁ । ଭିନ୍ନଭିନ୍ନ ମଞ୍ଚର ଚରିତ୍ର ଅନୁଯାୟୀ ଏହା ପ୍ରସ୍ତୁତ ହୋଇଥାଏ । ନିଜର ସ୍ୱତନ୍ତ୍ରତା ଓ ଦର୍ଶକଙ୍କ ଗ୍ରହଣୀୟତାକୁ ବିଚାରକୁ ନେଇ ରେଡ଼ିଓ, ଟେଲିଭିଜନ ଓ ସମ୍ବାଦପତ୍ରର ଖବର ଲିଖନ ଶୈଳୀରେ ରୂପାନ୍ତର ଘଟିଥାଏ । ପ୍ରତ୍ୟେକ ମାଧ୍ୟମର ଖବର ଲିଖନ ଶୈଳୀର ଗ୍ରହଣୀୟତା କ୍ଷେତ୍ରରେ ଏକ ବିବର୍ତ୍ତନୀୟ ପ୍ରକ୍ରିୟା କାର୍ଯ୍ୟ କରିଥାଏ ।

- ସମ୍ବାଦପତ୍ର ଲିଖନ ଶୈଳୀ ଏପରି ହେବା ଆବଶ୍ୟକ ଯଦ୍ୱାରା ସଂପାଦନା ନିମ୍ନରୁ ଉର୍ଦ୍ଧ୍ୱମୁଖୀ ହୋଇପାରିବ । ପୁରୁଖା ସଂପାଦକଗଣ କହିଥାନ୍ତି ସମ୍ବାଦପତ୍ର ଏକ ରବର ନୁହେଁ ଯାହାକୁ ସଂପ୍ରସାରିତ କରଯାଇପାରିବ ବା ବଢ଼ାଇ ଦିଆଯାଇପାରିବ । ଯାହା ଖାପ୍ ନଖାଇବ ତାହାକୁ ଅଗ୍ରାହ୍ୟ କରିଦିଆଯିବ । ବ୍ରିଟେନ ବା ବିଦେଶୀ ସମ୍ବାଦପତ୍ରର ପାରମ୍ପରିକ ଶୈଳୀ ହୋଇନଥିବା ଓଲଟା ପିରାମିଡ଼ ଶୈଳୀକୁ ଐତିହାସିକମାନେ ଆମେରିକା ଗୃହ ଯୁଦ୍ଧ ସମୟରେ ଆବିଷ୍କାର କରିଥିଲେ ।

- ରେଡ଼ିଓ ବିବରଣୀର ପ୍ରସାରଣ ଧାରାବାହିକ ଭାବେ ଶ୍ରବଣ କରାଯାଇଥାଏ । ଅର୍ଥାତ ପ୍ରଥମ ଅଂଶ ନଶୁଣି ଶ୍ରୋତା ଦ୍ୱିତୀୟ ଅଂଶ ଶୁଣିବାରେ ସମର୍ଥ ହୋଇପାରନ୍ତି ନାହିଁ । ରେଡ଼ିଓରେ ପ୍ରଥମ ୭ଟି ବିବରଣୀ ପାଇଁ ଅଷ୍ଟମକୁ ଅପେକ୍ଷା କରିବାକୁ ପଡ଼ିବ । ଅର୍ଥାତ ପ୍ରଥମ ୭ଟି ବିବରଣୀ କିଛି ସଂଖ୍ୟକ ଶ୍ରୋତାଙ୍କ ପାଇଁ ଆଗ୍ରହପ୍ରଦ ହୋଇଥାଏ । ଶ୍ରୋତାଙ୍କ ଆଗ୍ରହ ବଜାୟ ରଖିବା ପାଇଁ ଏହାକୁ ପୁଙ୍ଖାନୁପୁଙ୍ଖ ଢ଼ଙ୍ଗରେ ଉପସ୍ଥାପିତ କରାଯାଇଥାଏ ।

- ଟେଲିଭିଜନ ଖବର ଲିଖନ ଶୈଳୀ ମୋଟାମୋଟି ଭାବେ ରେଡ଼ିଓ ଖବର ଲିଖନ ଶୈଳୀ ସହ ସମାନ । ରେଡ଼ିଓର ଶ୍ରୋତାଙ୍କ ପରି ଟେଲିଭିଜନର ଦର୍ଶକ ମଧ୍ୟ ପଛକୁ ଫେରିପାରନ୍ତି ନାହିଁ । ଶ୍ରୋତାଙ୍କ ପରି ଦର୍ଶକ ଉପସ୍ଥାପକଙ୍କ ବକ୍ତବ୍ୟ ପ୍ରତି ଦୃଷ୍ଟି ନିବଦ୍ଧ କରିପାରନ୍ତି ନାହିଁ । ଟେଲିଭିଜନ ଖବରରେ ଶବ୍ଦାବଳୀ ସହ ଛବିର ସଂଯୋଗ ଘଟିଲେ ଅଧିକ ଜଟିଳତା ସୃଷ୍ଟି ହୋଇଥାଏ । ଉଭୟର ମିଶ୍ରଣରେ ଉପସ୍ଥାପକ ଯାହା ପ୍ରକାଶ କରନ୍ତି ତାହାକୁ 'ଭଏସ ଓଭର' କୁହାଯାଇଥାଏ ।

- ୱେବ ମାଧ୍ୟମ ପାଇଁ ଲିଖନ ଶୈଳୀ ମୁଦ୍ରିତ ଗଣମାଧ୍ୟମର ଲିଖନ ଶୈଳୀ ସହ ସମାନ ନୁହେଁ । ୱେବ ମାଧ୍ୟମ ଲେଖାକୁ ଜନସାଧାରଣ ଭିନ୍ନ ଭାବେ ପାଠ କରିଥାନ୍ତି । ଇଣ୍ଟରନେଟର ଅଭିବୃଦ୍ଧି ପରେ ୱେବ ମାଧ୍ୟମ ସାମ୍ବାଦିକତା ବା ଅନ୍‌ଲାଇନ ମାଧ୍ୟମ ସାମ୍ବାଦିକତା ଅଧିକ ଜନାଦୃତ ହୋଇପାରିଛି । ଏହି ମାଧ୍ୟମରେ ଜନସାଧାରଣ ଗୋଟିଏ ବିଷୟବସ୍ତୁରୁ ଅନ୍ୟ ଏକ ବିଷୟବସ୍ତୁକୁ ଦ୍ରୁତ ଭାବେ ଯାଇପାରିଥାନ୍ତି ।

ଓ ଏହା ପରେ ସୂଚନାର ଗୁରୁତ୍ୱ ଅନୁସାରେ ହିଁ ଅନ୍ୟ ବିଷୟଗୁଡ଼ିକୁ ସଜାଇ ସମ୍ପୂର୍ଣ୍ଣ ଖବର ପ୍ରସ୍ତୁତ କରାଯାଏ। ଅର୍ଥାତ ଖବରର ପ୍ରଥମ ପାରାଗ୍ରାଫ୍‌ରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକ ଥାଏ, ଦ୍ୱିତୀୟ ପାରାଗ୍ରାଫ୍‌ରେ ଗୁରୁତ୍ୱ ଅନୁସାରେ ଦ୍ୱିତୀୟ ସ୍ଥାନରେ ଥିବା ସୂଚନା ସ୍ଥାନ ପାଏ ସେହିଭଳି ଗୁରୁତ୍ୱ ଅନୁସାରେ ତୃତୀୟ ସ୍ଥାନରେ ଥିବା ସୂଚନା ତୃତୀୟ ପାରାଗ୍ରାଫ୍‌ରେ ସ୍ଥାନ ପାଏ ଏବଂ ଏହିକ୍ରମରେ ହିଁ ସମ୍ପୂର୍ଣ୍ଣ ଖବରଗୁଡ଼ିକୁ ସଜାଇ ଲେଖାଯାଏ। ସୂଚନାର ଗୁରୁତ୍ୱ ଅନୁସାରେ କ୍ରମାନ୍ୱୟରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ସଜାଇ ଲେଖାଯାଉଥିବା ଖବରକୁ ଇନ୍‌ଭର୍ଟେଡ ପିରାମିଡ ଶୈଳୀ କହନ୍ତି।

୩. ଖବର ଭଳି ଫିଚର ଇନ୍‌ଭର୍ଟେଡ୍ ପିରାମିଡ୍ ଶୈଳୀରେ ଲେଖାଯାଏ ନାହିଁ। ଖବର କୌଣସି ପ୍ରସଙ୍ଗର ସାରାଂଶ ଆରମ୍ଭରେ ଦେଲାବେଳେ ଫଚର ପ୍ରସ୍ତୁତି କ୍ଷେତ୍ରରେ ଏହାର ପାଠକମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବା ପାଇଁ ଚେଷ୍ଟା କରାଯାଏ। ତୁଳନାତ୍ମକ ଭାବରେ ବିଚାର କଲେ ଖବର ଓ ଫିଚରର ପରିସର ଓ ଉଦ୍ଦେଶ୍ୟ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଖବରରେ ବିଭିନ୍ନ ତଥ୍ୟକୁ ସିଧାସଳଖ ଉପସ୍ଥାପନ କରାଯାଏ କିନ୍ତୁ ଫିଚର କୌଣସି ଘଟଣାର ଯେକୌଣସି ଭାଗକୁଧ୍ୟାନ ଆକର୍ଷଣ କଲା ଭଳି ଶୈଳୀରେ ବର୍ଣ୍ଣନା କରିଥାଏ। ଖବର ପାଠକଙ୍କୁ କେବଳ ସୂଚନା ଦେଲାବେଳେ ଫିଚର ପାଠକଙ୍କ ମନରେ ଭାବନାତ୍ମକ ପ୍ରଭାବ ପକାଇ ଥାଏ।

ଫିଚର ଷ୍ଟାଇଲରେ ଖବର ଲେଖିବା ବିଭିନ୍ନ ପ୍ରକାର ଆର୍ଟିକିଲ ବା ଫିଚର ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଏ। ଏହି ଲେଖାଗୁଡ଼ିକ ବିଭିନ୍ନ ବ୍ୟକ୍ତି, ସ୍ଥାନ ବା କୌଣସି ପରିସ୍ଥିତି ସମ୍ପର୍କରେ ଏବଂ ଲୋକମାନଙ୍କର ଭାବନାକୁ ପ୍ରଭାବିତ କରିଲା ଭଳି ଶୈଳୀରେ ପ୍ରସ୍ତୁତ କରାଯାଏ। ଖବରକାଗଜରେ ପ୍ରକାଶିତ ଫିଚରଗୁଡ଼ିକ ସାଧାରଣତଃ କ୍ଷୁଦ୍ର ଫିଚର ହେଲାବେଳେ ପତ୍ରିକାଗୁଡ଼ିକରେ ପ୍ରକାଶିତ ଫିଚରରେ ବଡ ଓ ଏଥିରେ ଅଧିକ ବର୍ଣ୍ଣନା କରାଯାଇଥାଏ। ଅନେକ କ୍ଷେତ୍ରରେ ଫିଚର ଷ୍ଟୋରି ସାଧାରଣ ଖବର ଠାରୁ ଭିନ୍ନ ହୋଇଥାଏ। ଖବର ସିଧାସଳଖ ସୂଚନା ଦେବା ସହ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଆରମ୍ଭରୁ ହିଁ ପାଠକଙ୍କୁ ଜଣାଇ ଦିଏ କିନ୍ତୁ ଫିଚର ସିଧାସଳଖ ସୂଚନା ଦେବା ବଦଳରେ ପାଠକଙ୍କ ମନରେ ଅନେକ ଭାବାବେଗ ସୃଷ୍ଟି କରାଇ ଏହି ବିଷୟରେ ଭାବିବା ପାଇଁ ସୁଯୋଗ ସୃଷ୍ଟି କରେ। ଫିଚର ଲେଖା ଶୈଳୀ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସବିଶେଷ ଆଲୋଚନା କରିଥାଏ ଯାହାକି ସାଧାରଣ ଖବର କ୍ଷେତ୍ରରେ ସମ୍ଭବ ନୁହେଁ।

୪. ପ୍ରାୟ ୫୦ ବର୍ଷ ପୂର୍ବେ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଦ୍ୱାରା ଏହି ଶବ୍ଦ ବ୍ୟବହାର ଆରମ୍ଭ କରାଯାଇଥିଲା। ଏହାକୁ 'ନଟ୍ ଗ୍ରାଫ୍' କୁହାଯାଏ କାରଣ ନଟ୍ ବା ମଞ୍ଜି ଭଳି ଏଥିରେ 'ଶ୍ୱକରନେଲ୍' ବା ସମ୍ପୂର୍ଣ୍ଣ ଖବରର ସାର ଅଂଶ ହିଁ ରହିଥାଏ। ଏହା (ଲିଡ୍) ଶୀର୍ଷ ଖବର ପରେ ପରେ ସମ୍ପୂର୍ଣ୍ଣ ଖବର ବା ପ୍ରସଙ୍ଗ ସମ୍ପର୍କରେ ମୁଖ୍ୟ ସୂଚନା ପ୍ରଦାନ କରୁଥିବା ପାରାଗ୍ରାଫ୍‌କୁ ରେଫର କରିଥାଏ। ନଟ୍ ଗ୍ରାଫ ଶୈଳୀରେ ସୃଜନଶୀଳତା ପ୍ରକାଶ ପାଇଁ ସ୍ୱାଧିନତା ମିଳେ। ତେବେ ନିୟମିତ ଖବର କ୍ଷେତ୍ରରେ କେବଳ ନ୍ୟୁଜ ପୃଷ୍ଠଭୂମି ଉପରେ ଗୁରୁତ୍ୱପ୍ରଦାନ କରାଯାଏ। ହାର୍ଡ ନିଉଜ ଶୈଳୀରେ ଲିଡରେ ହିଁ ଖବରର ସାରାଶଂ ପ୍ରକାଶ କରାଯାଏ ତେଣୁ ନଟ୍ ଗ୍ରାଫ୍‌ର ଆବଶ୍ୟକତା ପଡେ ନାହିଁ।

**ଦ୍ୱିତୀୟ ଏକକ :**

**୫.** ଖବର ଚୟନ, ସୂଚନା, ମୂଲ୍ୟ ନିର୍ଦ୍ଧାରଣ ଇତ୍ୟାଦି ସମସ୍ତ ବିଷୟକୁ ବିଚାରକୁ ନେଇ ଖବର ପ୍ରସ୍ତୁତ ହୁଏ। ଖବର ପ୍ରସ୍ତୁତି ହେଉଛି ସାମ୍ବାଦିକଙ୍କର କଳା ଯାହା ସ୍ଥିର କରେ ଯେ, କେଉଁ ବିଷୟ ଟିକୁ ପ୍ରଥମେ ଉଲ୍ଲେଖ କରାଯିବ ଓ କେଉଁ ବିଷୟଟିକୁ ଶେଷ ପର୍ଯ୍ୟନ୍ତ ଲମ୍ବାଯାଇ ପାରିବ।

**୬.** ଯେକୌଣସି ବ୍ୟକ୍ତିଙ୍କ ବିରୋଧରେ ମିଥ୍ୟା ଖବର ଯାହାକି ଖବରକାଗଜ ସଂସ୍ଥାକୁ କୋର୍ଟ ପର୍ଯ୍ୟନ୍ତ ନେଇ ଯାଇପାରେ। ଯେକୌଣସି ବ୍ୟକ୍ତି ବା ସଂସ୍ଥା ବିରୋଧରେ ମିଛ ଖବର ଯାହାକି ଉକ୍ତ ସଂସ୍ଥା ବା ବ୍ୟକ୍ତିଙ୍କର ମାନ ସମ୍ମାନ ବା ପ୍ରତିଷ୍ଠା ହାନୀ କରାଏ ତାହାକୁ ମାନହାନୀ (ଲାଇବେଲ) କହନ୍ତି। ଯଦି କୌଣସି ପ୍ରମାଣ ନଥାଇ ଏଭଳି ଖବର ଛପାଯାଏ ତେବେ ଏହା ଉକ୍ତ ଖବରକାଗଜ ସଂସ୍ଥା ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ତେଣୁ ଖବରକାଗଜ ବା ସାମ୍ବାଦିକ କୌଣସି ବ୍ୟକ୍ତିଗତ ବିରୋଧ ଯୋଗୁ କାହାର ମାନହାନୀ କଲାଭଳି ଖବର ପ୍ରକାଶ କରିବା ଅନୁଚିତ।

**୭.** ଖବର ପ୍ରସ୍ତୁତ କରିବା ପାଇଁ କୌଣସି ସୂଚନା ବା ଲେଖା ଚୟନ ନିମନ୍ତେ ବିଭିନ୍ନ ପ୍ରକାର ମାନଦଣ୍ଡ ସ୍ଥିର କରାଯାଇଛି ଯଥା କୌଣସି ନିର୍ଦ୍ଦିଷ୍ଟ ଖବର ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ, ସମାଜକୁ ଏହା କେଉଁ ପ୍ରକାର ଜ୍ଞାନ ଦେବ, ଖବରର ଜଟିଳତା, କୌଣସି ବ୍ୟକ୍ତିଙ୍କ ସହିତ ସମ୍ବନ୍ଧ, ସମୟ, ଗୋଷ୍ଠୀ ସମସ୍ୟା, ପାଠକମାନଙ୍କର ପସନ୍ଦ ଇତ୍ୟାଦି ବିଚାରକୁ ନେଇ ଖବର ପ୍ରସ୍ତୁତ କରାଯାଏ।

**ତୃତୀୟ ଏକକ :**

୮) ପୁରୁଣା ସମ୍ବାଦରେ ଥିବା ଅନେକଗୁଡ଼ିକ ସୂଚନା ନୂଆ ଖବର ପାଇଁ ତଥ୍ୟ ଭାବେ ଉପଯୋଗ ହୋଇପାରିବ । ଅନ୍‌ଲାଇନ ସୂତ୍ର ଓ ଅଭିଲେଖାଗାର ସହାୟତାରେ ନୂଆ ଖବର ନିମନ୍ତେ ସାମ୍ବାଦିକ ଅନେକ ସୂଚାନ ହାସଲ କରିପାରିବେ । ପୁରୁଣା ଖବର ମଧ୍ୟରୁ ଅନେକ ଐତିହାସିକ ସୂଚନା ଅଭିଲେଖାଗାରରୁ ମିଳିଥାଏ ।

୯) ଜଣେ ସାମ୍ବାଦିକଙ୍କ ପାଇଁ ବିଶ୍ୱାସଯୋଗ୍ୟ ତଥା ଉଚ୍ଚସ୍ତରୀୟ ସଂପର୍କ ମୂଲ୍ୟବାନ ସୂଚନା ବା ଖବରର ଉତ୍ସ ହୋଇଥାଏ । ଏହି ସଂପର୍କକୁ ସୂଚନାର ଉତ୍ସ ବୋଲି ବିବେଚନା କରାଯାଇଥାଏ । ନିଜ ଆଖପାଖରେ ଘଟୁଥିବା ସମସ୍ତ କାର୍ଯ୍ୟକଳାପ ବା ଘଟଣା ସଂପର୍କରେ ଜାଣିବା ଓ ସୂଚନା ସଂଗ୍ରହ କରି ଖବର ପ୍ରକାଶ କରିବା ଜଣେ ସମ୍ବାଦିକଙ୍କ ପକ୍ଷେ ସବୁ ସମୟରେ ସମ୍ଭବ ହୋଇପାରେ ନାହିଁ । ସାଧାରଣ ସଭା, ସାମ୍ବାଦିକ ସମ୍ମିଳନୀ, ଆଲୋଚନାଚକ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରୁ ସମ୍ବାଦ ମିଳିଥାଏ । କିନ୍ତୁ ଏହି ସୂଚନା ପାଇଁ ସାମ୍ବାଦିକଙ୍କର ସ୍ୱତନ୍ତ୍ର ଯୋଗାଯୋଗ ରହିବା ଆବଶ୍ୟକ । ସାଦାରଣ ଭାବେ ସରକାରୀ ବା ଅନ୍ୟାନ୍ୟ କାର୍ଯ୍ୟାଳୟ, ଡ଼ାକ୍ତରଖାନା, ମ୍ୟୁନସିପାଲିଟି, ରାଜ୍ୟ ସଚିବାଳୟ, ବିଧାନସଭା, ପୁଲିସ ମୁଖ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଆଦି ସଂସ୍ଥାରେ ସାମ୍ବାଦିକଙ୍କ କିଛି ବିଶ୍ୱସନୀୟ ବ୍ୟକ୍ତିବିଶେଷଙ୍କ ସହ ଯୋଗସୂତ୍ର ରହିଥାଏ ।

୧୦) ଇଣ୍ଟରନେଟ ଓ ୱାର୍ଲଡ଼ ୱାଇଡ଼ ୱେବ ସାମ୍ବାଦିକଙ୍କ ପାଇଁ ଏବେ ସୂଚନାର ବ୍ୟାପକ ଓ ସର୍ବବୃହତ ସୂତ୍ର ହୋଇଛି । ସାମ୍ବାଦିକ ଏଗୁଡ଼ିକୁ ନିୟମିତ ବ୍ୟବହାର କରିଥାନ୍ତି । ଏହି ସୂତ୍ର ଖବର ବିବରଣୀ ପ୍ରସ୍ତୁତି